# Akashvani, Sambalpur

## SAMBALPURI NEWS BULLETIN

### 21 October 2024- 6.47- 6.52 am.

*********************************************

କେନ୍ଦ୍ରମନ୍ତ୍ରୀ-ପର୍ଯ୍ୟଟନ୍ ମହୋତ୍ସବ୍    ଆର୍ଏନ୍ୟୁ / ସମ୍ବଲପୁର

ଦେଶେ ଲାଇଟ୍ ହାଉସ୍ ପର୍ଯ୍ୟଟନ୍‌ର ବିକାଶ୍ ଲାଗି କେନ୍ଦ୍ର ବନ୍ଦର୍ ଆଉ ଜାହାଜ୍ ପରିବହନ୍ ଆଉ ଜଳମାର୍ଗ ମନ୍ତ୍ରଣାଳୟ ତର୍ଫୁ ପୁରୀ ନ ଚାଲିଥିବା ୨ ଦିନିଆ ଲାଇଟ୍ ହାଉସ୍ ପର୍ଯ୍ୟଟନ୍ ମହୋତ୍ସବ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଛେ । ଉଦ୍‌ଯାପନୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ରାଜ୍ୟର୍ ପର୍ଯ୍ୟଟନ୍ ସ୍ଥଲ୍‌ମାନ୍‌କର୍ ଭିତ୍‌ରେ ବତୀଘର୍ ଭିଲ୍ ପ୍ରମୁଖ ପର୍ଯ୍ୟଟନ୍ କେନ୍ଦ୍ର ହିସାବେ ଠାନ୍ ପାଏବା ବଲି କହିଛନ୍ । ବିକଶିତ୍ କରାଯାଇଥିବାର୍ ଦେଶର୍ ୭୫ ଟା ବତୀଘର୍ ଭିତ୍‌ରୁ ଓଡ଼ିଶାର୍ ଗୋପାଲ୍‌ପୁର୍, ପୁରୀ, ଚନ୍ଦ୍ରଭାଗା, ଫଲ୍ସ ପଏଂଟ୍ ଆର୍ ପରାଦ୍ୱୀପ୍ ରହିଛେ । କେନ୍ଦ୍ର ବନ୍ଦର୍, ପରିବହନ୍ ଆଉ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନ୍‌ୱାଲ୍ ସମାରୋହଥି

ଉଦ୍‌ବୋଧନ୍ ଦେଇକରି କେନ୍ଦ୍ର ସର୍‌କାର୍ ପାରାଦ୍ୱୀପ୍ ବନ୍ଦର୍‌ର ବିକାଶ୍ ଲାଗି ପ୍ରତିଶ୍ରୁତିବଦ୍ଧ ବଲି କହିଥିଲେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ଥିବା ଅଭିଯୋଗ୍ ପ୍ରକୋଷ୍ଠ ନ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ଇଥିର୍‌ଲାଗି ପଞ୍ଜିକରଣ୍ ହେଇଥିବା ହଜାରେ ଲୁକର୍ ଅଭିଯୋଗ୍ ଶୁଣାଣି କରାଯିବା । ସେନ୍ତା ଆଏବା ୨୮ ତାରିଖ୍ ଦିନ ଭିଲ୍ ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି କର୍‌ବେ । ଇଥିର୍‌ଲାଗି ଅନ୍‌ଲାଇନ୍ ପଞ୍ଜିକରଣ୍ କରାଯାଉଛେ । ଲୁକେ ଜନଶୁଣାଣି ପୋର୍ଟାଲ୍ ନାଇଁହେଲେ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତରଫୁ କୁହାଯାଇଛେ ।

ମୁଖ୍ୟମନ୍ତ୍ରୀ- ହବିଷ୍ୟାଳୀ ମହିଳା ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଶ୍ରୀକ୍ଷେତ୍ର ପୁରୀ ଯାଇଥିବା ହବିଷ୍ୟାଲୀ ମହିଳାମାନ୍‌କୁ କାର୍ତ୍ତିକ୍ ବ୍ରତ ଲାଗି ସାମାନ୍ ଦେଇଛନ୍ । ସାମାନ୍ ଭିତ୍‌ରେ ଶାଢ଼ୀ, ଚଦର୍, ଉତରୀୟ, ରାଇଦାମୋଦର ବ୍ରତ ବହି, ସୁଖିଲି ମହାପ୍ରସାଦ୍ ରହିଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ସେମାନ୍‌କର୍ ସୁବିଧାର୍ ଲାଗି ସବୁ ବ୍ୟବସ୍ଥା କର୍‌ବାର୍‌କେ ଜିଲ୍ଲା ପ୍ରଶାସନ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ- ସିଙ୍ଗାପୁର୍          ଆର୍‌ଏନ୍‌ୟୁ / ସମ୍ବଲପୁର

ସିଙ୍ଗାପୁର୍ ଆର୍ ଅଷ୍ଟ୍ରେଲିଆ ସାଙ୍ଗେ ଶିକ୍ଷା କ୍ଷେତ୍ରଥି ସମ୍ପର୍କକେ ବର୍‌କସ୍ କର୍‌ବାର୍ ଲାଗି ୭ ଦିନିଆ ବିଦେଶ୍ ଗସ୍ତଥି ଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପହେଲା ଦିନ ସିଙ୍ଗାପୁର୍ ନ ରହୁଥିବା ଭାରତ୍‌ର ଲୋକ୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ସେ କହିଛନ୍ ଯେ, ସିଙ୍ଗାପୁର୍, ଭାରତ୍, ଭାଗିଦାରୀକେ ଅଏତ୍‌କା ବର୍‌କସ୍ କର୍‌ବାର୍ ଲାଗି ପ୍ରବାସୀ ଭାରତୀୟମାନେ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଆନ୍ । ସିଙ୍ଗାପୁର୍‌ର ଉନ୍ନତି ଲାଗି ସେମାନ୍‌କର୍ ବହୁତ୍‌ଟେ ଯୋଗଦାନ୍ ରହିଛେ ।

ପୁଲିସ୍ ଶହୀଦ୍ ସ୍ମୃତି ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ପୁଲିସ୍ ଶହୀଦ୍ ଦିବସ୍ । ଦେଶର୍ ଲାଗି ଜୀବନ୍ ଦେଇଥିବା ବୀର ପୁଲିସ୍ ମାନ୍‌କୁ ସୁର୍‌ତା କରିକରି ଆଏଜ୍ ରାଏଜେ ପୁଲିସ୍ ଶହୀଦ୍ ସ୍ମୃତି ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ୍ ପୁଲିସ୍ ମାନ୍‌କର୍ ନିର୍ଭିକ ଆର୍ ନିସ୍ୱାର୍ଥପର ସେବାକେ ସୁର୍‌ତା କର୍‌ବାର୍ ସହେତେ ଦିବଙ୍ଗତ ପୁଲିସ୍‌ମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ସେନ୍ତା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଁକର୍ ବାର୍ତାଥି କହିଛନ୍ ଯେ, ରାଏଜେ ପୁଲିସ୍ ଶାନ୍ତିଶୃଙ୍ଖଳା ବଜାୟ ରଖିବାର୍ ସହେତେ ମାଓଦମନ୍ ଆର୍ ଲୁକ୍‌କର୍ ସୁରକ୍ଷା ଲାଗି ଓଡ଼ିଶା ପୁଲିସ୍ ଦକ୍ଷତାର୍ ସହେତେ କାମ୍ କରିକରି ଲୁକ୍‌କର୍ ଆସ୍ଥାଭାଜନ ହେଇପାରିଛେ । ତାଙ୍କର୍ ଇ ଦାୟିତ୍ୱ ନିର୍ବାହ କରୁଥିବାର୍ ବେଲେ ବହୁତ୍‌ଟେ ବୀର ପୁଲିସ୍ ଅଧିକାରୀ ଆର୍ କର୍ମଚାରୀ ଶହୀଦ୍ ହେଇଛନ୍ । ଇ ଶହୀଦ୍ ବୀର ପୁଲିସ୍ ମାନ୍‌କର୍ ପାଖେ ରାଜ୍ୟ ସବୁବେଲେ କୃତଜ୍ଞ ରହେବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କର୍ ବାର୍ତାଥି କହିଛନ୍ ।

ନିଟ୍ ପାଠ୍ୟକ୍ରମ୍- ସିଲାବସ୍ ପରିବର୍ତ୍ତନ୍   ଆର୍‌ଏନ୍‌ୟୁ /ସମ୍ବଲପୁର

ନିଟ୍ ପାଠ୍ୟକ୍ରମଥି ପରିବର୍ତ୍ତନ୍ କରାଯିବା । ଆଏବା ପରୀକ୍ଷା ଲାଗି ସିଲାବସ୍‌ନୁ କେତେଟା ବିଷୟ ବାଦ୍ ଦିଆଯାଇଛେ । ନେ୍‌ସନାଲ୍ ମେଡ଼ିକାଲ୍ କମିଶନ୍ ତର୍‌ଫୁ ଆଏବା ନିଟ୍ ଲାଗି ନୂଆଁ ସିଲାବସ୍ ବାହାର୍ କରାଯାଇଛେ । ଇଟାକେ ନେ୍‌ସନାଲ୍ ଟେଷ୍ଟିଂ ଏଜେନ୍ସି - ଏନ୍‌ଟିଏ ତର୍‌ଫୁ ଜାରି କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ନିଟ୍‌ର କେମେଷ୍ଟ୍ରି, ବାୟୋଲୋଜି ଆର୍ ଫିଜିକ୍ସଥି କିଛି ବିଷୟ ପରିବର୍ତ୍ତନ୍ କରାଯାଇଛେ ।

ଜେଇଇ ମେନ୍ ଢାଂଚାଥି ପରିବର୍ତ୍ତନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଯୁଗ୍ମ ପ୍ରବେଶିକା ପରୀକ୍ଷା- ଜେଇଇ ମେନ୍- ୨୦୨୫ ଢାଂଚାଥି ପରିବର୍ତ୍ତନ୍ କରାଯିବା । ଇ ବାବ୍‌ଦେ ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଜେଇଇ ମେନ୍‌ର ସେକ୍ସନ୍ -ବି ଥି ଥିବା ଅପ୍‌ସ୍‌ନାଲ୍‌କେ ଉଠେଇ ଦିଆଯିବା । ଇନ ଜନେଇ ଦିଆଯାଇପାରେ ଯେ, କୋଭିଡ୍- ୧୯ ମହାମାରି ସମିଆଥି ଇଟା ରହିଥିଲା । ଇ ବାବ୍‌ଦେ ଏନ୍‌ଟିଏ ୱେବ୍‌ସାଇଟ୍

www.nta.ac.in ଆର୍ jeemain.nta.nic.in ଥି ସବୁ ତଥ୍ୟ ମିଲିପାର୍‌ବା ।

ଫୁଟବଲ୍ ଟୁର୍ଣ୍ଣାମେଂଟ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ରାଜା ଆର୍ତତ୍ରାଣ ହାଇସ୍କୁଲ୍ ପଡ଼ିଆ ନ ଫୁଟବଲ୍ ଟୁର୍ଣ୍ଣାମେଂଟ୍ ମୁଲ୍ ହେଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଗଲାକାଏଲ୍ ଇଟାକେ ଉଦ୍‌ଘାଟନ୍ କରିଥିଲେ । ଗୋର୍ଲା ଆର୍ ତୁକ୍‌ଲା ଭିତ୍‌ରେ ହେଇଥିବା ଉଦ୍‌ଘାଟନୀ ମେଚ୍‌ଥି ତୁକ୍‌ଲା ଦଲ୍ ୪/ଶୂନ୍ ଗୋଲ୍‌ଥି ଗୋର୍ଲା ଦଲ୍‌କେ ହରେଇଥିଲା । ଇ ଟୁର୍ଣ୍ଣାମେଂଟ୍‌ଥି ଖଡ଼ିଆଲ୍, ସିନାପାଲି, ବୋଡ଼େନ୍ ବ୍ଲକ୍‌ର ୭୦ ଟା ଦଲ୍ ଯୋଗ୍ ଦେଇଛନ୍ ।

ପାଣିପାଗ     ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ରୀୟ ଆଣ୍ଡାମାନ୍ ସାଗର୍ ନ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଳୟ ଲଘୁଚାପ୍ ଲାଗି କ୍ଷେତ୍ର ସୃଷ୍ଟି କରିଛେ । ଆଏବା କାଏଲ୍ ଇଟା ଲଘୁଚାପ୍ ହେଇକରି ପର୍‌ଦିନ ଘୂର୍ଣ୍ଣିବାତ୍ୟାର୍ ରୂପ ନେବା । ଇଟା ଉତର୍ ପଶ୍ଚିମ ଦିଗ୍‌କେ ଯାଇକରି ଓଡ଼ିଶା ଆଉ ପଶ୍ଚିମବଙ୍ଗ

ଉପକୂଳ ମୁହାଁ ହେବା । ହେଲେ ଲଘୁଚାପ୍ ସୃଷ୍ଟି ହେବାର୍ ଉତ୍ରୁ ଇଟା କେନ୍ ଜାଗା ନ ସ୍ଥଳଭାଗ୍ ଛୁଇଁବା ସେଟା ଜନାପଡ୍‌ବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ । ସମ୍ଭାବ୍ୟ ବାତ୍ୟାର୍ ନାଁ 'ଦାନା' ରଖାଯାଇଥିବାର୍ ବେଲେ ଇତାର୍ ପ୍ରଭାବ୍‌ଥି ଓଡ଼ିଶା ସମୁଦ୍ରଖଁଡ଼ି ଇଲାକା ନ ୨୪ ଆର୍ ୨୫ ତାରିଖ୍ ଦିନ ଜବର୍ ବର୍ଷା ହେଇପାରେ । ଇ ସମିଆଥି ପବନ୍‌ର ବେଗ ଶହେ ନୁ ଶହେ ୨୦ କିଲୋମିଟର୍ ରହିପାରେ ବଲି ଆକଲନ୍ କରାଯାଇଛେ ।